ସୂଚନା ଓ ଲୋକ ସଂପର୍କ ବିଭାଗ
**Information & Public Relations Department**
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR (OD)/CS-GA-1272-10/02/21




## ସମ୍ବଳ ଓ ସମ୍ଭାବନା ଭିତ୍ତିରେ ନିଜ ଜିଲ୍ଲା ପାଇଁ ପ୍ରକଳ୍ପ ପ୍ରସ୍ତୁତ କର-

## ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର

**ଭୁବନେଶ୍ୱର, ୧୦/୦୨/୨୧**

ନିଜ ଜିଲ୍ଲାରେ  ଜୀବିକା ନିର୍ବାହ ପନ୍ଥା ଏବଂ ଭିତ୍ତିଭୂମି ବିକାଶକୁ ପରବର୍ତ୍ତୀ ଉଚ୍ଚ ପର୍ଯ୍ୟାୟକୁ ନେବା ନିମନ୍ତେ ସମ୍ବଳ ଓ ସମ୍ଭାବନା ଭିତ୍ତିକ ଅଭିନବ ପ୍ରକଳ୍ପମାନ ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଲୋକସେବା ଭବନରୁ ଭିଡ଼ିଓ କନ୍-ଫେରେନ୍ସିଂ ମାଧ୍ୟମରେ ରାଜ୍ୟର ଉତ୍ତର, ଦକ୍ଷିଣ ଓ କେନ୍ଦ୍ରୀୟ ରାଜସ୍ୱ ଡିଭିଜନ୍ ଜିଲ୍ଲାପାଳମାନଙ୍କ ସହ ୩ଟି ପର୍ଯ୍ୟାୟରେ ସିଧା ସଳଖ ଆଲୋଚନା କରି ଶ୍ରୀ ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି ।

ମୁଖ୍ୟ ଶାସନ ସଚିବ କହିଥିଲେ ଯେ ବର୍ତ୍ତମାନ ରାଜ୍ୟରେ ମୌଳିକ ଆବଶ୍ୟକତା ଭିତ୍ତିକ ଯୋଜନା ଗୁଡ଼ିକ ବ୍ୟାପକ ଭାବେ ସଂପ୍ରସାରିତ ହୋଇଛି । ଖାଦ୍ୟ ସୁରକ୍ଷା, ଗୃହ ନିର୍ମାଣ, ସଡ଼କ ଯୋଗାଯୋଗ, ବିଜୁଳି ସଂଯୋଗ, ପାନୀୟଜଳ, ଶିକ୍ଷା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି । ବିକାଶ ପ୍ରକ୍ରିୟାକୁ ପରବର୍ତ୍ତୀ ଉନ୍ନୀତ ପର୍ଯ୍ୟାୟକୁ ନେବାର ସମୟ ଆସିଛି । ଅଭୁତପୂର୍ବ କୋଭିଡ୍-୧୯ ମହାମାରୀ ଯୋଗୁ ବିଗତ ୯ ରୁ ୧୦ ମାସ ମଧ୍ୟରେ ଆର୍ଥିକ ପ୍ରଗତିର ବିଭିନ୍ନ ଦିଗ ଧିମେଇ ଯାଇଥିଲା । ଲକ୍‌ଡାଉନ୍ ପରବର୍ତ୍ତୀ ସମୟରେ ସମସ୍ତ ଦିଗ ପୁଣି କର୍ମ ଚଞ୍ଚଳ ହୋଇଛି । ବିକାଶ ହାର ମଧ୍ୟ କୋଭିଡ୍ ପୂର୍ବବର୍ତ୍ତୀ ସ୍ଥିତି ଆଡ଼କୁ ଗତିକରୁଛି । ଏହାକୁ ଅଧିକ ତ୍ୱରାନ୍ୱିତ କରି ନିରନ୍ତର ବିକାଶ ଜାରି ରଖିବା ପାଇଁ ବ୍ୟାପକ ପ୍ରୟାସ ହେବା ଦରକାର । ଏଥି ନିମନ୍ତେ ପ୍ରତି ଜିଲ୍ଲାର କୃଷି-ଜଳବାୟୁ, ପ୍ରାକୃତିକ ସଂପତ୍ତି, ମାନବ ସମ୍ବଳ ଏବଂ ସୃଷ୍ଟି ହୋଇଥିବା ନୁତନ ସୁଯୋଗ ଆଦିକୁ ଭିତ୍ତିକରି ଅଭିନବ ଜୀବିକା ନିର୍ବାହ ଏବଂ ଆର୍ଥିକ କାର୍ଯ୍ୟ କଳାପ ବୃଦ୍ଧି ନିମନ୍ତେ ପ୍ରକଳ୍ପ ପ୍ରସ୍ତୁତ କରିବାକୁ ଶ୍ରୀ ମହାପାତ୍ର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଶ୍ରୀ ମହାପାତ୍ର ଆହୁରି ମଧ୍ୟ କହିଥିଲେ ଯେ ସବୁ ଗ୍ରାମକୁ ସବୁଦିନିଆ ରାସ୍ତା, ଏକାଧିକ ଫସଲ ପାଇଁ ଜଳସେଚନ, ନିରନ୍ତର ଜୀବିକା ନିର୍ବାହ ପନ୍ଥା, ଅର୍ଥକାରୀ ଫସଲ ଚାଷ, କୃଷିଜାତ ଦ୍ରବ୍ୟର ବିପଣୀ, ଆୟ ବୃଦ୍ଧି, ପାଇପ୍ ଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବା ଏବଂ ଆର୍ଥିକ କାର୍ଯ୍ୟକଳାପ ଅଭିବୃଦ୍ଧି ଆଦି କ୍ଷେତ୍ରରେ ଥିବା ଗୁରୁତ୍ୱପୂର୍ଣ୍ଣ ଶୂନ୍ୟସ୍ଥାନ ଗୁଡ଼ିକ ଚିହ୍ନଟକରି ସେସବୁର ପରିପୂରଣ କରାଯିବା ଏକାନ୍ତ ଆବଶ୍ୟକ । ଏହି ପ୍ରକାର ପ୍ରକଳ୍ପକୁ ଅଗ୍ରାଧିକାର ଭିତ୍ତିରେ ଆରମ୍ଭ କରିବା ପାଇଁ ମୁଖ୍ୟ ଶାସନ ସଚିବ ଜିଲ୍ଲା ପ୍ରଶାସନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଜିଲ୍ଲା ମାନଙ୍କରେ ଚାଲିଥିବା ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପ ଗୁଡ଼ିକର ତ୍ୱରାନ୍ୱିତ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଆରୋପ କରି ଉନ୍ନୟନ କମିଶନର ଶ୍ରୀ ପ୍ରଦୀପ କୁମାର ଜେନା ଜଙ୍ଗଲ ଅନୁମତି, ପରିବେଶ ଅନୁମତି, ବିଭିନ୍ନ ପ୍ରକାର ପ୍ରମାଣ ପତ୍ର ପ୍ରଦାନ, ଜମି ଅଧିଗ୍ରହଣ ଆଦି ନିମନ୍ତେ ଆଗୁଆ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦେଇଥିଲେ । ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ସମୀକ୍ଷାବେଳେ ଉଭୟ

ସରକାରୀ ଏବଂ ଘରୋଇ ପୁଞ୍ଜିନିବେଶରେ ଦେଉଥିବା ପ୍ରକଳ୍ପ ଗୁଡ଼ିକୁ ବିଚାରକୁ ନେବାପାଇଁ ସେ କହିଥିଲେ । ବାସ୍ତବ ଓ ବସ୍ତୁବିଷ୍ଣ ତଥ୍ୟ ଭିତ୍ତିରେ ନୂତନ ପ୍ରକଳ୍ପ ପ୍ରସ୍ତୁତି କରିବାକୁ ମଧ୍ୟ ଶ୍ରୀ ଜେନା ପରାମର୍ଶ ଦେଇଥିଲେ । ପ୍ରକଳ୍ପ ଗୁଡ଼ିକର ଫଳାଫଳ ମୂଲ୍ୟାୟନ ପାଇଁ ନିର୍ଦ୍ଦିଷ୍ଟ ମାନକ ନିର୍ଦ୍ଧାରଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର ଶ୍ରୀ ରାଜ କୁମାର ଶର୍ମା କହିଥିଲେ ଯେ କୃଷି, ପଶୁପାଳନ, ମତ୍ସ୍ୟଚାଷ ଆଦି ମୌଳିକ ଉତ୍ପାଦନ କ୍ଷେତ୍ର ଗ୍ରାମାଞ୍ଚଳରେ ଜୀବିକା ନିର୍ବାହର ମୁଖ୍ୟ ଆଧାର । ଏହି କ୍ଷେତ୍ରରେ ଅଭିନବ ପ୍ରକଳ୍ପ ଏବଂ ପୁଞ୍ଜି ନିବେଶର ଲାଭ ସିଧା ସଳଖ କୃଷକ, କୃଷି ଶ୍ରମିକ ଏବଂ ଜନସାଧାରଣଙ୍କୁ ମିଳିଥାଏ । ତେଣୁ କୃଷି ଉତ୍ପାଦନ ବୃଦ୍ଧି ଏବଂ କୃଷି ଉତ୍ପାଦ ବିପଣୀ ନିମନ୍ତେ ଶୃଙ୍ଖଳ-ଭିତ୍ତିକ ସମନ୍ୱିତ ପ୍ରକଳ୍ପମାନ ପ୍ରସ୍ତୁତ କରିବାକୁ ଶ୍ରୀ ଶର୍ମା ନିର୍ଦ୍ଦେଶ ଦେଇଥିଲେ ।



ଭିତ୍ତିଭୂମି ବିକାଶରେ ଗୁରୁତ୍ୱପୂର୍ଣ୍ଣ ଶୂନ୍ୟସ୍ଥାନ ପୂରଣ ଏବଂ ଆୟ ଅଭିବୃଦ୍ଧି ପାଇଁ ସମ୍ବଳ ଭିତ୍ତିକ ପ୍ରକଳ୍ପ ନିମନ୍ତେ ପାଣ୍ଠି ସହ ଅନ୍ୟାନ୍ୟ ସମସ୍ତ ସହଯୋଗ ସରକାରଙ୍କ ତରଫରୁ ଯୋଗାଇ ଦିଆଯିବ ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଜିଲ୍ଲାପାଳମାନଙ୍କୁ ପ୍ରତିଶୃତି ଦେଇଥିଲେ ।

କୃଷି ଓ କୃଷକ ସଶକ୍ତିକରଣ ପ୍ରମୁଖ ଶାସନ ସଚିବ ଡଃ ସୌରଭ ଗର୍ଗ, ପଂଚାୟତିରାଜ ଓ ପାନୀୟଜଳ ଯୋଗାଣ ପ୍ରମୁଖ ଶାସନ ସଚିବ ଶ୍ରୀ ଦେଓ ରଂଜନ କୁମାର ସିଂ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମା, ଜଳ ସଂପଦ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ବୈଷୟିକ ଶିକ୍ଷା ଓ କୌଶଳ ବିକାଶ ଶାସନ ସଚିବ ତଥା ଇଡ୍‌କୋର ଅଧ୍ୟକ୍ଷ ଶ୍ରୀ

ସଂଜୟ କୁମାର ସିଂ ଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗଦେଇଥିଲେ । ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଭିଡିଓ କନ୍-ଫେରେନ୍ସିଂ ମାଧ୍ୟମରେ ବିକାଶ ମୂଳକ କାର୍ଯ୍ୟକ୍ରମର ସଦ୍ୟତନ ତଥ୍ୟ ସହ ନୂତନ ସମ୍ଭାବନା ବିଷୟରେ ଅବଗତ କରାଇଥିଲେ ।

ଉମାକାନ୍ତ ମହାପାତ୍ର,

ସୂଚନା ଅଧିକାରୀ, ମୁଖ୍ୟ ଶାସନ ସଚିବ